# Akashvani, Sambalpur

## SAMBALPURI NEWS EVENING BULLETIN

## 29 January 2026 - 7.02 pm- 7.12 pm.

*****************************************

୧- ସଂସଦ୍ ନ ଉପସ୍ଥାପିତ୍ ହେଲା ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ।

-ଆଏବା ଆର୍ଥିକ୍ ବଛ୍‌ରେ ଦେଶର୍ ମୋଟ୍ ଘରୋଇ ଉତ୍ପାଦ ୭ ଦଶମିକ୍ ୪ ପ୍ରତିଶତ୍ ରହେବାର୍‌କେ ନେଇକରି ଆକଲନ୍ ।

-କେନ୍ଦ୍ର ସରକାର ସଂସ୍କାର୍‌ମୂଲକ୍ ପଦକ୍ଷେପ୍‌ମାନ୍‌କୁ ତୁର୍‌ତି କରୁଛନ- କହେଲେ ପ୍ରଧାନମନ୍ତ୍ରୀ ।

୨- ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ଯୋଜ୍‌ନା ଆଉ କୃଷି ଉନ୍ନତି ଯୋଜ୍‌ନାଥି ଓଡ଼ିଶାର୍ ପ୍ରଦର୍ଶନ୍‌କେ ପ୍ରଶଂସା କଲେ କେନ୍ଦ୍ର କୃଷି ଆଉ କୃଷକ କଲ୍ୟାଣ ମନ୍ତ୍ରୀ ।

ଆଉର୍

୩- ୨୦୨୬-୨୭ ବଛର୍ ଲାଗି ୫ଟା ପାଞ୍ଜିକେ ପୁରୀ ଶ୍ରୀମନ୍ଦିର ମୁକ୍ତି ମଣ୍ଡପ୍ ପଣ୍ଡିତ ସଭାର ମିଲ୍‌ଲା ଅନୁମୋଦନ୍ ।

ସଂସଦ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ପିଆଇବି

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଏଜ୍ ଲୋକ ସଭାନ ୨୦୨୫-୨୬ ଆର୍ଥିକ୍ ବଛରର୍ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ଉପସ୍ଥାପନ୍ କରିଛନ୍ । ରିପୋର୍ଟଥି ଆଏବା ଆର୍ଥିକ୍ ବଛ୍‌ରେ ଦେଶର୍ ମୋଟ୍ ଘରୋଇ ଉତ୍ପାଦ- ଜିଡିପି ୭ ଦଶମିକ୍ ୪ ପ୍ରତିଶତ୍ ରହେବା ବଲି ଆକଳନ କରାଯାଇଛେ । ୨୦୨୬ ଆର୍ଥିକ୍ ବଛ୍‌ରେ ଭାରତର୍ ଅର୍ଥନୀତି ବର୍‌କସ୍ ଆଉ ବିକାଶଶୀଲ୍ ବାଟେ ଗତି କର୍‌ବା ବଲି ରିପୋର୍ଟଥି ଉଲ୍ଲେଖ କରାଯାଇଛେ ।

ରିପୋର୍ଟ ଅନ୍‌ସାରେ, ୨୦୨୫-୨୬ ଆର୍ଥିକ୍ ବଛ୍‌ରର୍ ପହେଲା ୩ ମାସ୍ ସମିଆଥି ଦେଶର୍ ଶିଳ୍ପ କ୍ଷେତ୍ରର୍ ଗ୍ରସ୍ ଭେଲ୍ୟୁ ଏଡେଡ୍ ୭ ଦଶମିକ୍ ଶୂନ୍ ପ୍ରତିଶତ୍ ଅଭିବୃଦ୍ଧି ହେଇକରି ଶିଳ୍ପ କ୍ଷେତ୍ରର୍ ସ୍ଥିତି ବର୍‌କସ୍ ରହିଛେ । ଅଣବେଙ୍କ ସୂତ୍ରନୁ ବାଣିଜ୍ୟିକ୍ କ୍ଷେତ୍ରକେ ଆର୍ଥିକ୍ ପ୍ରବାହ ୨୦୨୦ନୁ ୨୦୨୫ ବଛର୍ ଭିତ୍‌ରେ ୧୭ ଦଶମିକ୍ ୩୨ ପ୍ରତିଶତ୍ ଗ୍ରସ୍ ଭେଲ୍ୟୁ ଏଡେଡ୍ ବଢ଼ିଛେ ।

ଇ ସମିଆ ଭିତ୍‌ରେ ଦେଶର୍ ଇସ୍ପାତ୍ ଆଉ ସିମେଂଟ୍ ଶିଳ୍ପ ଦୁଇ ନମ୍ବର ସବୁନୁ ବଡ଼ ବିଶ୍ୱ ଉତ୍ପାଦକ୍ ମାଏନ୍‌ତା ପାଇଛେ । କୋଇଲା ଶିଳ୍ପ ଗଲା ବଛ୍‌ରେ ୧ ହଜାର ୪୭ ନିୟୁତ ଟନ୍‌ନୁ ଅଏତ୍‌କା ଉତ୍ପାଦନ୍ କରି କରି ଐତିହାସିକ୍ ସଫଲ୍‌ତା ପାଇଛେ ବଲି ଅର୍ଥମନ୍ତ୍ରୀ ରିପୋର୍ଟଥି ଦର୍ଶେଇଛନ୍ ।

ରିପୋର୍ଟ ଉପସ୍ଥାପନ୍ ହେବାର୍ ଉତ୍‌ରୁ ଲୋକ ସଭାକେ ଆଏବା ରଏବାର୍ ଦିନ୍‌ତକ୍ ମୁଲତବୀ ଘୋଷଣା କରାଯାଇଛେ । ରାଜ୍ୟ ସଭା ଅଧିବେଶନ୍‌କେ ଭିଲ୍ ଆଏବା ରଏବାର୍ ତକ୍ ମୁଲତବୀ ରଖାଯାଇଛେ ।

ପ୍ରଧାନମନ୍ତ୍ରୀ - ସଂସଦ୍ ଅଭିଭାଷଣ ଏନ୍‌ଏସ୍‌ଡି

କେନ୍ଦ୍ର ସରକାର ସଂସ୍କାର, ପ୍ରଦର୍ଶନ୍ ଆଉ ପରିବର୍ତନକେ ଗ୍ରହଣ କର୍‌ବାର୍ ସହେତେ ସଂସ୍କାର୍‌ମୂଲକ୍ ପଦକ୍ଷେପ୍‌ମାନ୍‌କୁ ତୁର୍‌ତି କରୁଛନ୍ ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ସଂସଦ୍ ପରିସର୍ ନ ବଜେଟ୍ ଅଧିବେଶନ୍‌ର ଦୁଇ ନମ୍ବର ଦିନେ ଆଏଜ୍ ଗଣମାଧ୍ୟମ୍‌କେ ସମ୍ବୋଧନ୍ କରି କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍, ସଂସ୍କାର୍‌ମୂଲକ୍ ଯୋଜ୍‌ନାମାନ୍‌କର ସୁଫଲ୍ ତୃଣମୂଲ୍ ସ୍ତର୍‌କେ ପୁହୁଁଚାବାର୍ ଉପ୍‌ରେ ସର୍‌କାର୍ ଅଏତ୍‌କା ଜୋର୍ ଦଉଛନ୍ । ୨୦୪୭ ମସିହା ତକ୍ ବିକଶିତ ଭାରତ୍ ଲକ୍ଷ୍ୟ ହାସଲ୍ କର୍‌ବାର ଲାଗି ଆଏବା ୨୫ ବଛର୍ ଗୁରୁତ୍ୱପୂର୍ଣ୍ଣ ଆଏ ବଲି ପ୍ରଧାନମନ୍ତ୍ରୀ କହିଛନ୍ । ଗଲାକାଏଲ୍ ସଂସଦ୍‌ର ଦୁହି ଗୃହ ନ ରାଷ୍ଟ୍ରପତିଙ୍କର୍ ଅଭିଭାଷଣ ଶହେ ୪୦ କୋଟି ଲୁକ୍‌କର୍ ଆଶା ଆଉ ଭର୍‌ସାର୍ ପ୍ରତିଫଲନ୍ ଥିଲା ବଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍...

(ଭଏସ୍-ପ୍ରଧାନମନ୍ତ୍ରୀ)

ଦେଶର୍ ବିକାଶ୍ ଲାଗି ସମ୍କୁ ଗଠନ୍‌ମୂଲକ୍ କାମ୍‌ଥି ସହଭାଗୀ ହେବାର୍‌କେ ପ୍ରଧାନମନ୍ତ୍ରୀ ଇ ଅବ୍‌ସରେ ଆହ୍ବାନ୍ ଦେଇଛନ୍ ।

କେନ୍ଦ୍ର କୃଷି ମନ୍ତ୍ରୀ ସମୀକ୍ଷା ଆଇ.ଆଣ୍ଡ୍.ପି.ଆର୍

ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ଯୋଜ୍‌ନା ଆଉ କୃଷି ଉନ୍ନତି ଯୋଜ୍‌ନାଥି ଓଡ଼ିଶାର୍ ପ୍ରଦର୍ଶନ୍‌କେ ଆଏଜ୍ କେନ୍ଦ୍ର କୃଷି ଆଉ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ୍ ପ୍ରଶଂସା କରିଛନ୍ । ରାଏଜେ କୃଷି ବିକାଶ ପ୍ରକ୍ରିୟାକେ ଜାରି ରଖ୍‌ବାର୍ ଲାଗି କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ୍ ଆହ୍ବାନ୍ ଦେଇଛନ୍ । ଓଡ଼ିଶା ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ଯୋଜ୍‌ନା ପାଣ୍ଠିନୁ ୭୮ ପ୍ରତିଶତ୍ ଆଉ କୃଷି ଉନ୍ନତି ଯୋଜ୍‌ନାର୍ ୮୦ ପ୍ରତିଶତ୍ ଖର୍ଚ୍ଚା କରିସାରିଛେ । ଯେନ୍‌ଟାକି ରାଏଜେ କୃଷିର ବିକାଶ୍ ପ୍ରକ୍ରିୟାକେ ଆହୁରି ତୁର୍‌ତି କରିପାରିଛେ । ବାଦ୍‌ଥିବା ପାଣ୍ଠିକେ କେନ୍ଦ୍ର ସରକାର ଖୋବ୍ ଜଲ୍‌ଦି ଯୁଗେଇ ଦେଲେ ବାକିଥିବା ୬ଟା ପ୍ରକଳ୍ପ ତୁର୍‌ତି ଶେଷ୍ କରାଯାଇ ପାର୍‌ବା ବଲି ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ ଆଉ ରାଜ୍ୟ କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଭାସୀ ଜରିଏ ଯୋଗ୍ ଦେଇକରି କହିଛନ୍ । ସମୀକ୍ଷା ବୈଠକ୍‌ଥି ଆଭାସୀ ଜରିଏ ଦେଶର୍ ସବୁ ରାଜ୍ୟର୍ କୃଷି ମନ୍ତ୍ରୀମାନେ ଯୋଗ୍ ଦେଇଥିଲେ ।

ସୁପ୍ରିମକୋର୍ଟ- ୟୁଜୁସି ଏନ୍‌ଏସ୍‌ଡି

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ୍- ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ୍ ନ ସମାନ୍ତା ପ୍ରୋତ୍ସାହନ୍ ନିୟମାବଲୀ-୨୦୨୬ର କାର୍ଯ୍ୟକାରିତାକେ ସୁପ୍ରିମକୋର୍ଟ ସ୍ଥଗିତ ରଖିଛନ୍ । ଇ ବାବ୍‌ଦେ ଦାଖଲ୍ ହେଇଥିବା ଏକାଧିକ୍ ମାମଲାର୍ ଶୁଣାଣି କରି କରି ସୁପ୍ରମିକୋର୍ଟ ପ୍ରଧାନ ବିଚାର୍‌ପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଆଉ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚିଙ୍କର୍ ପୀଠ ଇ ଅନ୍ତରୀଣ ଆଦେଶ୍ ଜାରି କରିଛନ୍ । ଇତାର୍‌ସହେତେ ବିଶିଷ୍ଟ ଆଇନଜ୍ଞମାନ୍‌ଙ୍କୁ ନେଇକରି ଗଠିତ୍ ଗୁଟେ କମିଟି ଜରିଏ ଇ ନିୟମାବଲୀର୍ ଫେର୍‌ଘାଏ ସମୀକ୍ଷା କର୍‌ବାର୍‌କେ ପରାମର୍ଶ ଦେଇଛନ୍ । ମାମଲାଥି ଜବାବ୍ ଦାଖଲ୍ କର୍‌ବାର୍‌କେ କେନ୍ଦ୍ର ସରକାର ଆଉ ୟୁଜିସିକେ ସୁପ୍ରିମକୋର୍ଟ ନୋଟିସ୍ କରିଛନ୍ । ଆଏବା ଆଦେଶ୍‌ତକ୍ ୨୦୧୨ ନିୟମାବଲୀ ଆଧାର୍‌ଥି ନିଷ୍ପତି ନେବାର୍‌କେ ପୀଠ କହିଛନ୍ ।

ମୁକ୍ତି ମଣ୍ଡପ-ପାଞ୍ଜି ପୁରୀ ସମ୍ବାଦଦାତା

୨୦୨୬-୨୭ ବଛର୍ ଲାଗି ୫ଟା ପାଞ୍ଜିକେ ପୁରୀ ଶ୍ରୀମନ୍ଦିର ମୁକ୍ତି ମଣ୍ଡପର୍ ପଣ୍ଡିତ୍ ସଭାଥି ଆଏଜ୍ ଅନୁମୋଦନ୍

କରାଯାଇଛେ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କର ଅଧ୍ୟକ୍ଷତାଥି ହେଇଥିବା ପଞ୍ଜିକା ସମୀକରଣ ବୈଠକ୍‌ଥି ୮ଟା ପାଞ୍ଜି ପ୍ରକାଶନ ସଂସ୍ଥାକେ ଚିଠି କରାଯାଇଥିବାର୍ ବେଲ୍‌କେ ୫ଟା ପାଣ୍ଡୁଲିପି ଦାଖଲ୍ କରାଯାଇଥିଲା । ମୁକ୍ତି ମଣ୍ଡପ ପଣ୍ଡିତ୍ ସଭା ତର୍‌ଫୁ ସଂଶୋଧନ୍ କରାଯାଇକରି ଇ ୫ଟା ପାଞ୍ଜି ନିର୍ଭୁଲ୍ ଆଉ ତ୍ରୁଟିଶୂନ୍ୟ ଘୋଷଣା କରାଯାଇଛେ ।

ବିଜେପି-ବୈଠକ୍ ହି.ସ.

ଭୁବନେଶ୍ୱର ରାଜ୍ୟ ବିଜେପି କାର୍ଯ୍ୟାଲୟ ନ ଦଲର୍ ସଭାପତି ମନମୋହନ ସାମଲ୍‌ଙ୍କର ଅଧ୍ୟକ୍ଷତାଥି ପ୍ରଦେଶସ୍ତରୀୟ କାର୍ଯ୍ୟକର୍ତା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟପାଲ୍ ସିହ ତୋମାର୍, ଜିଲ୍ଲା ପ୍ରଭାରୀ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକ୍‌ଥି ଆଏବା ଦିନେ ରାଏଜେ ହେବାର୍‌କେ ଥିବା ପଂଚାୟତ୍ ନିର୍ବାଚନ୍ ପ୍ରସ୍ତୁତି ବାବ୍‌ଦେ ଆଲୋଚନା କରାଯାଇଥିବା ଜନାପଡ଼ିଛେ । ବିଧାୟକ, ରାଜ୍ୟ ପଦାଧିକାରୀ ଆଉ ଜିଲ୍ଲା ସଭାପତିଙ୍କର୍ ସଙ୍ଗେ ବିଚାର୍ ଆଲୋଚନା କରି କରି ଆଏବା ପଦକ୍ଷେପ୍ ବାବ୍‌ଦେ ଆଲୋଚନା କରାଯାଇଛେ । ଇତାର୍ ସହେତେ ସ୍ୱତନ୍ତ୍ର ସଘନ ଭୋଟର୍ ତାଲିକା ସଂଶୋଧନ୍, ଭିବି ଜି ରାମ୍ ଜି ଆଇନ ଆଉ କେନ୍ଦ୍ର, ରାଜ୍ୟ ବଜେଟ୍‌କେ ଲୁକ୍‌କର୍ ପାଖିକେ

ପୁହୁଁଚାବାର୍ ଲାଗି ଭିଲ୍ ବୈଠକ୍‌ଥି କାର୍ଯ୍ୟ ଖସଡ଼ା ତିଆର୍ କରାଯାଇଥିବା ଜନାପଡ଼ିଛେ ।

ଦକ୍ଷତା ବିକାଶ କର୍ମଶାଳା ଆଇ.ଆଣ୍ଡ୍.ପି.ଆର

ସରକାରୀ ଧନ୍ଦାମୂଲକ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର୍ ଅଧ୍ୟକ୍ଷମାନ୍‌କୁ ନେଇକରି ଭୁବନେଶ୍ୱର ନ ଗୁଟେ ଦିନ୍‌କିଆ ଦକ୍ଷତା ବିକାଶ କର୍ମଶାଳା ହେଇଯାଇଛେ । କର୍ମଶାଳାଥି ରାଜ୍ୟର୍ ସବୁ ୨ ଶହ ୩୦ଟା ସରକାରୀ ଧନ୍ଦାମୂଲକ୍ ଉଚ୍ଚ ମାଧ୍ୟମିକ୍ ବିଦ୍ୟାଳୟର୍ ଅଧ୍ୟକ୍ଷ ଯୋଗ୍ ଦେଇଛନ୍ । କାର୍ଯ୍ୟକ୍ରମ୍‌ଥି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ଯୋଗ୍ ଦେଇକରି ଜାତୀୟ ଶିକ୍ଷାନୀତି-୨୦୨୦ଥି ଧନ୍ଦାମୁଲ୍ ଶିକ୍ଷାକେ ଜୋର୍ ଦିଆଯାଉଥିବାର୍‌ନୁ ଅଧ୍ୟକ୍ଷମାନ୍‌କୁ ଆହୁରି କ୍ରିୟାଶୀଲ୍ ହେବାର୍ ସହେତେ ନିଜର୍ ନିଜର୍ ଭିତ୍‌ରେ ତାଲ୍‌ମେଲ୍ ରଖିବାର୍‌କେ ପରାମର୍ଶ ଦେଇଛନ୍ ।

ମୁଖ୍ୟମନ୍ତ୍ରୀଙ୍କର ଅତିରିକ୍ତସଚିବ ଗସ୍ତ ନୂଆପଡ଼ା ସମ୍ବାଦଦାତା

ମୁଖ୍ୟମନ୍ତ୍ରୀଙ୍କର୍ ଅତିରିକ୍ତ ସଚିବ ଡକ୍ଟର ଚିତ୍ରସେନ ରାଉତ ନୂଆପଡ଼ା ଗସ୍ତ କରି କରି ଜିଲ୍ଲାର୍ ଭିନ୍ ଭିନ୍ ଧାନ୍ ମଣ୍ଡି

ପରିଦର୍ଶନ୍ କରିଛନ୍ । ଧାନ୍ ବିକ୍ରି ସ୍ଥିତି ଆଉ ମଣ୍ଡି ପରିଚାଲ୍‌ନା ବାବ୍‌ଦେ ଇ ଅବ୍‌ସରେ ଶ୍ରୀ ରାଉତ ସମୀକ୍ଷା କରିଛନ୍ । ଧାନ୍ ବିକ୍ରିର୍ ସଠିକ୍ ମୂଲ୍ୟ ଚାଷୀମାନ୍‌କର ପାଖ୍‌କେ ପୁହୁଁଚୁଛେ କି ନାଇଁ ସେ ବାବ୍‌ଦେ ଭିଲ୍ ଶ୍ରୀ ରାଉତ୍ ଚାଷୀମାନ୍‌କର ସଙ୍ଗେ ଆଲୋଚନା କରିଛନ୍ । ସୂଚ୍‌ନା ଅନ୍‌ସାରେ ନୂଆପଡ଼ା ଜିଲ୍ଲାନ ଇଛେନ୍‌କା ୭୭ଟା ମଣ୍ଡି ଜରିଏ ଧାନ୍ ଘିନା ଚାଲିଛେ । ଏବ୍‌ତକ୍ ୪୬ ହଜାର ୩ ଶହ ୬୭ ଝନ୍ ଚାଷୀଙ୍କର୍‌ନୁ ୨୨ ଲାକ୍ ୭୨ ହଜାର୍ ୬ ଶହ ୩୨ କୁଇଂଟାଲ୍ ଧାନ୍ ଘିନା ଯାଇଥିବା ଜନାପଡ଼ିଛେ ।

ଜଲ୍ ଆଉ ପରିମଲ୍ ମିଶନ୍ ବୈଠକ୍ ନୂଆପଡ଼ା

ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ପରିସର୍ ନ ଜିଲ୍ଲାସ୍ତରୀୟ ଜଲ୍ ଆଉ ପରିମଲ୍ ମିଶନ୍‌ର ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲାପାଲ ମଧୁସୂଦନ୍ ଦାଶ ଅଧ୍ୟକ୍ଷତା କରିକରି ସ୍ୱଚ୍ଛ ଭାରତ୍ ଅଭିଯାନ୍‌ଥି ଜିଲ୍ଲା ନ କାର୍ଯ୍ୟକାରୀ ହଉଥିବା ଜଲ୍ ଯୋଗାଣ ଆଉ ପରିମଲ୍ କାର୍ଯ୍ୟକ୍ରମ୍‌ମାନ୍‌କର ଅଗ୍ରଗତିର୍ ସମୀକ୍ଷା କରିଛନ୍ । ଜିଲ୍ଲାର ସବୁ ବ୍ଲକ୍‌କେ ସ୍ଥାୟୀ ଭାବେ ଫଟିକ୍ ପିଇବାର୍ ପାଏନ୍ ଯୁଗାବାର୍ ବ୍ୟବସ୍ଥାକେ ଆହୁରି ବର୍‌କସ୍ କର୍‌ବାର୍‌କେ ଇ ଅବ୍‌ସରେ ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଛନ୍ ।

କୃଷି ଯନ୍ତ୍ରପାତି ମେଳା                    ଦେବଗଡ଼ ସମ୍ବାଦଦାତା

ଦେବଗଡ଼ ଜିଲ୍ଲା କୃଷି ବିଭାଗ୍ ତର୍ଫୁ ସହରର୍ ପ୍ରଧାନପାଟ୍ ବଡ଼ବଗିଚାଠାନେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଲା ଆଉ କୃଷି ମହୋତ୍ସବ୍ ଉଦ୍‌ଘାଟିତ୍ ହେଇଯାଇଛେ । ଜିଲ୍ଲାପାଲ କବୀନ୍ଦ୍ର କୁମାର ସାହୁଙ୍କର ଅଧ୍ୟକ୍ଷତାଥି ହେଇଥିବା ଉଦ୍‌ଘାଟନୀ ସମାରୋହଥି ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ଆଉ ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ ନାଏକ୍ ଯୋଗ୍ ଦେଇଥିଲେ । ଚାଷୀ ଆଉ ଚାଷ୍‌ବାସ୍‌ର ବିକାଶ ଲାଗି ସରକାର୍ ବହୁତ୍‌ଟେ ପଦକ୍ଷେପ୍ ନଉଛନ୍ । ଚାଷୀମାନେ ଇତାର୍ ଲାଭ୍ ନେବାର୍‌କେ ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।  ମେଲାଥି କୃଷି ବିଭାଗ୍ ତର୍ଫୁ୫୦ଟା ଷ୍ଟଲ୍ ଖୁଲାଯାଇଥିଲା ।

ପିଏମ୍‌ଶ୍ରୀ ଉତ୍ସବ୍            ବଲାଙ୍ଗୀର ସମ୍ବାଦଦାତା

ବଲାଙ୍ଗୀର ଜିଲ୍ଲାର ପିଏମ୍‌ଶ୍ରୀ ପୃଥ୍ୱୀରାଜ୍ ଉଚ୍ଚ ବିଦ୍ୟାଳୟ ଖେଲ୍ ପଡ଼ିଆ ନ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ୍ ଉଦ୍‌ଘାଟିତ୍ ହେଇଯାଇଛେ । ଜିଲ୍ଲାପାଲ ଗୌରବ ଶିବାଜୀ ଇସଲ୍‌ୱାଲ୍‌ଙ୍କର୍ ସଭାପତିତ୍ୱ ଆଉ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ୍‌ଙ୍କର ଆହ୍ୱାନ୍‌ଥି ହେଇଥିବା ଦୁଇଦିନିଆ

କାର୍ଯ୍ୟକ୍ରମ୍‌ର ଉଦ୍‌ଘାଟନୀ ସମାରୋହଥି ବଲାଙ୍ଗୀର ସଦର ବିଧାୟକ କଲିକେଶ୍ ନାରାୟଣ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଥିଲେ ।

ମାଘ ମେଳା ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର ଜିଲ୍ଲା ଖଲିଆପାଲିଠାନେ ଆଏଜ୍‌ଠାନୁ ପବିତ୍ର ମାଘ ମେଲା ମୁଲ୍ ହେଇଛେ । ଇ ଅବ୍‌ସରେ ଶୂନ୍ୟ ବ୍ରହ୍ମ ଉପାସନାଥି ଅସ୍ତଗାମୀ ସୂର୍ଯ୍ୟଙ୍କର ପୂଜା ସହେତେ ଶୂନ୍ୟ ଶରଣମାନ୍ୟ ଆଉ ଧୂନୀ ଥାପ୍‌ନା କରାଯାଇକରି ଅଖଣ୍ଡ ଜ୍ୟୋତି ଜଲାଯାଇଛେ । ଆଏବା ମାଘ୍ ପୁନିତକ୍ ହେବାର୍‌କେ ଥିବା ମେଲାଥି ସାରସ୍ୱତ ସମାରୋହ ସହେତେ କବିଙ୍କର ସମାଧି ମନ୍ଦିର ଆଉ କଠଉ ମନ୍ଦିର ଦର୍ଶନ୍ ଲାଗି ପ୍ରଶାସନ ତର୍‌ଫୁ ସବୁ ପ୍ରକାର୍ ବ୍ୟବସ୍ଥା କରାଯାଇଛେ ।

ସ୍ୱାସ୍ଥ୍ୟ ସମୀକ୍ଷା କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଟାଉନ୍ ହଲ୍ ନ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ତର୍‌ଫୁ ଆଶା, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି ଆଉ  ଜନ ଆରୋଗ୍ୟ ସମିତି ସମ୍ମିଳନୀ ହେଇଯାଇଛେ । ସମ୍ମିଳନୀଥି ଜାତୀୟ ସ୍ୱାସ୍ଥ୍ୟ ମିଶନ୍

ଅନ୍ତର୍ଗତ୍ ମୁଖିଆ ଲକ୍ଷ୍ୟ ସହେତେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ବାବ୍ଦେ ଆଲୋଚନା କରାଯାଇଥିଲା ।

ପ୍ରଶିକ୍ଷଣ ଶିବିର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଲୁଣିବାହାଲ ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟ ପରିସର୍ ନ ନୂଆ ପାଠ୍ ପଢ଼ା ବହିର ବ୍ୟବହାରିକ୍ ପ୍ରଶିକ୍ଷଣ ଶିବିର୍ ହେଇଯାଇଛେ । ଆଏବା ଶିକ୍ଷା ବଛର୍ ନୁ ରାଏଜେ ଜାତୀୟ ଶିକ୍ଷାନୀତି ଆଧାର୍ଥି ନୂଆ ପାଠ୍ପଢ଼ା ବହି ଲାଗୁ କରାଯିବାର୍ ସେ ବାବ୍ଦେ ଶିବିର୍ଥି ଶିକ୍ଷକ ଶିକ୍ଷୟିତ୍ରୀମାନ୍କୁ ତାଲିମ୍ ଦିଆଯାଇଥିଲା ।

ତିଲେଶ୍ୱର୍ କପ୍ ଫୁଟ୍ବଲ୍ ଟୁର୍ଣ୍ଣାମେଂଟ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ତିଲେଶ୍ୱର୍ ହାଇସ୍କୁଲ୍ ପଡ଼ିଆ ନ ଚାଲିଥିବା ତିଲେଶ୍ୱର୍ କପ୍ ଫୁଟ୍ବଲ୍ ଟୁର୍ଣ୍ଣାମେଂଟ୍ଥି ଆଏଜ୍ ବିହାର୍ର ବକ୍ସର୍ ଆର୍ ବରଗଡ଼ ଦଲ୍ ଭିତ୍ରେ ଦୁଇ ନମ୍ବର ସେମିଫାଇନାଲ୍ ମେଚ୍ ଖେଲାଯାଇଥିଲା । ପେନାଲ୍ଟି ଶୁଟ୍ଆଉଟ୍ଥି ବିହାର୍ର ଦଲ୍ ୧-ଶୂନ୍ ଗୋଲ୍ଥି ବରଗଡ଼ ଦଲ୍କେ ହରେଇଛେ । ଇତାର୍ ସହେତେ ବିହାର୍ ଦଲ୍

ଫାଇନାଲ୍‌କେ ଯାଇଛେ । ଆଏବାକାଏଲ୍ ବିହାର୍ ଆଉ ସୁନ୍ଦରଗଡ଼ ଦଲ୍ ଭିତ୍‌ରେ ଫାଇନାଲ୍ ମେଚ୍ ଖେଲାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମାଝଡ଼ ପ୍ରଭାବ୍‌ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ ସାମାଏନ୍ କମିଛେ । ଆଏବା ହପ୍ତେତକ୍ ପାଗ୍ ଏନ୍ତା ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ସମୁଦ୍ର ଖଣିର୍ ୫ଟା ଜିଲ୍ଲାନ ବହଲିଆ କୁହୁଡ଼ି ହେବା ବଲି ପାଣିପାଗି କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।